# DAV PUBLIC SCHOOLS, BHUBANESWAR
# PERIODIC ASSESSMENT -I (2022-23)

- Check that this question paper contains 3 printed pages.
- Check that the question paper contains 7 questions.
- Write down the Serial Number of the question in the left side of the margin before attempting it.
- 15minutes time has been allotted to read this question paper. The question paper will be distributed 15 minutes prior to the commencement of the examination. The students will read the question paper only and will not write any answer on the script during this period.

## CLASS-X
## SUB: ODIA

**Time Allowed: 1½ Hours** **Maximum Marks : 40**

**General Instructions :**

- ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ପ୍ରଶ୍ନର ଉତ୍ତର ଲେଖ ।

**'କ' ବିଭାଗ (5)**

**1. ଅନୁଚ୍ଛେଦ ପଢି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ। 5×1=5**

ବିଜ୍ଞାନର ଆବିଷ୍କାର ଯେଉଁ ପରିମାଣରେ ଆମ୍ଭମାନଙ୍କର ଇଷ୍ଟ ସାଧନ କରିଛି, ପ୍ରାୟ ସେହି ପରିମାଣରେ ଅନିଷ୍ଟ ସାଧନ କରିଛି । ହିତାହିତସାଧନ ବିଜ୍ଞାନ ଉପରେ ନିର୍ଭର କରେ ନାହିଁ; ତେଣୁ ଯୁଦ୍ଧର ଲୋମହର୍ଷଣକାରୀ ଘଟଣା ପାଇଁ ବିଜ୍ଞାନ ଦାୟୀ ନୁହେଁ । ବିଜ୍ଞାନର ଫଳାଫଳ ଆମ୍ଭମାନଙ୍କର ବ୍ୟବହାର ଉପରେ ନିର୍ଭର କରେ । ଖଣ୍ଡିଏ ବାଉଁଶବାଡ଼ି ଗୋଟିଏ ଛୋଟ ଶିଶୁର କ୍ରୀଡ଼ାର ବସ୍ତୁ ହୋଇପାରେ । କ୍ଷୁବ୍ଧ, ଅପରିଣାମଦର୍ଶୀ ଯୁବକ ତଦ୍ଦ୍ୱାରା ପ୍ରତିହିଂସା ସାଧନ କରିପାରେ । ଅନେକ ଲୋକ ତଦ୍ଦ୍ୱାରା ଆହତ ଏବଂ ମୃତ ହୋଇପାରନ୍ତି । ଅସହାୟ ଲୋକର ଆତ୍ମରକ୍ଷା ପାଇଁ ବାଡ଼ି ପ୍ରଧାନ ଅବଲମ୍ବନ । ବାଡ଼ି ଖଞ୍ଜ ବା ଅନ୍ଧ ଲୋକର ଆଶା ଓ ଭରସାର ସ୍ଥଳ ଏବଂ ତାହାର ଗତି ଅନେକ ସ୍ଥଳରେ ବାଡ଼ି ଉପରେ ନିର୍ଭର କରିଥାଏ । ଏହିସବୁ ବିବିଧ ବ୍ୟବହାର ପାଇଁ ବାଡ଼ି ଦାୟୀ ନୁହେଁ; ଏହାକୁ ବ୍ୟବହାର କରୁଥିବା ଲୋକ ଉପରେ ଏହାର ଭଲ ବା ମନ୍ଦ ନିର୍ଭର କରେ । ବିଜ୍ଞାନ ପକ୍ଷରେ ସେହି ପ୍ରମାଣ ପ୍ରଯୁଜ୍ୟ । ବାଡ଼ି ପରି ଏହା ନିଜେ ଭଲ କିମ୍ବା ମନ୍ଦ ନୁହେଁ । ଏହା ଯେପରି ଭାବରେ ବ୍ୟବହୃତ ହୁଏ, ତଦନୁଯାୟୀ ଏହା ଇଷ୍ଟ ବା ଅନିଷ୍ଟକର ହୋଇପାରେ । ଯୁଦ୍ଧ ସମୟରେ ଯେଉଁ ତାଣ୍ଡବଲୀଳା ସଂଘଟିତ ହୁଏ, ତାହା ବିଜ୍ଞାନର ଅପବ୍ୟବହାର ଯୋଗୁଁ ହିଁ ଘଟିଥାଏ।

**ପ୍ରଶ୍ନାବଳୀ :-**

କ) ବିଜ୍ଞାନ କେଉଁ କାର୍ଯ୍ୟ ପାଇଁ ଦାୟୀ ନୁହେଁ ?

ଖ) ବାଉଁଶବାଡ଼ିକୁ ଶିଶୁ ଓ ଯୁବକ କିପରି ପୃଥକ ବ୍ୟବହାର କରିଥା'ନ୍ତି ?

ଗ) ଖଞ୍ଜଲୋକଟି ବାଡ଼ିକୁ କିପରି ବ୍ୟବହାର କରେ ?

ଘ) ଯୁଦ୍ଧ ସମୟର ତାଣ୍ଡବଲୀଳା ପାଇଁ ଦାୟୀ କିଏ ?

ଙ) ବିଜ୍ଞାନର ଫଳାଫଳ କାହା ଉପରେ ନିର୍ଭର କରେ ?

## 'ଖ' ବିଭାଗ (5)

**2.** ପଲିଥିନ୍ ବ୍ୟବହାରର ଅପକାରିତା ବିଷୟରେ ଜନସଚେତନତା ସୃଷ୍ଟି ପାଇଁ ଯେ କୌଣସି ସମ୍ବାଦପତ୍ରର ସମ୍ପାଦକଙ୍କୁ ପତ୍ର ଲେଖ । **1×5=5**

(ବି.ଦ୍ର. -ନିଜର ପ୍ରକୃତ ନାମ ଓ ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ ।)

## 'ଗ' ବିଭାଗ (10)

**3. କ) ବାକ୍ୟ ପରିବର୍ତ୍ତନ କର । 6×1=6**

i. ଯଦି ନିଷ୍ଠାର ସହିତ ଭଗବାନଙ୍କୁ ପ୍ରାର୍ଥନା କର, ତେବେ ନିଶ୍ଚୟ ତୁମର ଦୁଃଖ ଦୂର ହେବ । (ସରଳ ବାକ୍ୟରେ ପରିଣତ କର)

ii. ବସନ୍ତ ଋତୁରେ ଚତୁର୍ଦ୍ଦିଗ ସୁନ୍ଦର ଦେଖାଯାଏ । (ଯୌଗିକ ବାକ୍ୟରେ ପରିଣତ କର)

iii. ଜଣେ ବଦାନ୍ୟ ବ୍ୟକ୍ତି ସାହାଯ୍ୟ କଲେ ଓ ମୁଁ ପାଠ ପଢିଲି । (ସରଳ ବାକ୍ୟରେ ପରିଣତ କର)

iv. ଧନୁର୍ଦ୍ଧର ରାମଚନ୍ଦ୍ର ରାବଣକୁ ବିନାଶ କଲେ । (ଜଟିଳ ବାକ୍ୟରେ ପରିଣତ କର)

v. କେତେ ଲୋକ ହିନ୍ଦୀ ଜାଣନ୍ତି, କିନ୍ତୁ ଭଲ କହିପାରନ୍ତି ନାହିଁ । (ଜଟିଳ ବାକ୍ୟରେ ପରିଣତ କର)

vi. ମୁଁ ଯେତେବେଳେ ଘରେ ପହଞ୍ଚିଲି, ସେତେବେଳେ ଘରେ କେହି ନଥିଲେ । (ଯୌଗିକ ବାକ୍ୟରେ ପରିଣତ କର)

**ଖ) ଭ୍ରମ ସଂଶୋଧନ କର । 4×1=4**

ଧନୀକ, ପୁରଷ୍କାର, ମାର୍ଗଶୀର, ଦୂର୍ଗା

## 'ଘ' ବିଭାଗ (20)

**4. ସଂକ୍ଷେପରେ ଉତ୍ତର ଲେଖ । 2×2=4**

କ) ଶିକ୍ଷିତମାନେ ଗ୍ରାମ ଛାଡ଼ି ପଳେଇ ଯିବା ସହ କେଉଁ ପୌରାଣିକ କଥାର ତୁଳନା କରାଯାଇଛି ?

ଖ) ସାର ମାଉସୀ ଲେଖକଙ୍କୁ ଆଗେ କ'ଣ କହି ପଚାରୁଥିଲେ ?

**5. ସଂକ୍ଷେପରେ ଉତ୍ତର ଲେଖ । 2×2=4**

କ) ଚାରୁ ହାସମୟୀ ଚାରୁ ଭାଷମୟୀ କାହାକୁ କୁହାଯାଇଛି ?

ଖ) ଶ୍ରେଷ୍ଠ କବିମାନେ କାହାର କୀର୍ତ୍ତି ବନ୍ଦନା କରୁଛନ୍ତି ?

**6. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । 8×1=8**

**i.** ଲକ୍ଷ୍ମୀକାନ୍ତ ମହାପାତ୍ର କେଉଁ କବି ରୂପେ ସୁପରିଚିତ ?

A. କାନ୍ତକବି B. ପଲ୍ଲୀକବି C. ବ୍ୟଙ୍ଗକବି D. ଆଶୁକବି

**ii.** ଉତ୍କଳ ଜନନୀର ଚକ୍ଷୁ କାହାର ପ୍ରଦର୍ଶନରେ ଉଦ୍ଭାସିତ ?

A. ଶିଳ୍ପକଳା B. ଜ୍ଞାନବିଜ୍ଞାନ C. ବାଣିଜ୍ୟ D. ହାତକାମ

**iii.** ଉତ୍କଳ ଜନନୀଙ୍କ ଶରୀରକୁ ନୀଳ ଭୂଧରମାଳା କେଉଁ ରୂପରେ ଶୋଭା ବର୍ଦ୍ଧନ କରାଉଛି ?

A. ତରଙ୍ଗ B. ଇନ୍ଦ୍ରଧନୁ C. ମେଘମାଳା D. ଚାନ୍ଦୁଆ

**iv.** ଅନେକ ପୁଣ୍ୟତୀର୍ଥରେ କେଉଁ ପ୍ରଦେଶ ପରିପୂର୍ଣ୍ଣ ?

A. ବଙ୍ଗଳା B. ଉତ୍କଳ C. ଆନ୍ଧ୍ର ପ୍ରଦେଶ D. ମଧ୍ୟପ୍ରଦେଶ

**v.** **'**ଜନ୍ମଭୂମି' ପ୍ରବନ୍ଧଟି ପ୍ରାବନ୍ଧିକଙ୍କର କେଉଁ ପୁସ୍ତକରୁ ସଂଗୃହୀତ ?

A. ଆତ୍ମଜୀବନୀ B. ପ୍ରବନ୍ଧ ମାନସ C. ଇତିହାସ ଓ କିମ୍ବଦନ୍ତୀ D. ମୋ ସମୟର ଓଡ଼ିଶା

**vi.** 'ମନବୋଧ ଚଉତିଶା'ର ରଚୟିତା କିଏ ?

A. କବି ବନମାଳୀ ଦାସ B. କବି ଭକ୍ତଚରଣ ଦାସ

C. କବି ଅରକ୍ଷିତ ଦାସ D. କବି ଜଗନ୍ନାଥ ଦାସ

**vii.** ପଲ୍ଲୀଗ୍ରାମକୁ ଫେରିବାକୁ ଲେଖକଙ୍କର କ'ଣ ନାହିଁ ବୋଲି ପ୍ରବନ୍ଧରେ କୁହାଯାଇଛି ?

A. ଆନନ୍ଦ B. ଭୟ C. ଦୁଃଖ D. ସାହସ

**viii.** ପୂର୍ବଜନ୍ମର ଘଟଣାବଳୀକୁ ଯେ ସ୍ମରଣ କରିପାରେ ତାକୁ କ'ଣ କୁହାଯାଏ ?

A. ସ୍ମରକ B. ପୂର୍ବସ୍ମର C. ଜାତିସ୍ମର D. ସର୍ବସ୍ମର

**7. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।** **4×1=4**

**କ)** ଚିରାକାଠ କିଣିବା ଅପେକ୍ଷା ଗୋଦାମରୁ କେଉଁ କାଠ କିଣିବା ଲାଭଜନକ ହେବ ବୋଲି ଲେଖକ ନିଷ୍ପତ୍ତି ନେଲେ ?

**ଖ)** ଲେଖକ କେଉଁ ରାଜ୍ୟର ଲୋକ ବୋଲି କହିଛନ୍ତି ?

**ଗ)** କାହା ହାତରେ ନୋଟ୍ ଦିଟା କାଠୁରିଆ ପାଖକୁ ଲେଖକ ପଠାଇ ଦେଇ କବାଟ ବନ୍ଦ କରିଦେଲେ ?

**ଘ)** କାଠୁରିଆକୁ ହିତକଥା ନ ପଚାରି ବା ନ ଶୁଣାଇ ଲେଖକ କ'ଣ ଦେଖିବାକୁ ଲାଗିଲେ ?

❖